www.prepp.in

Prepp
Your Personal Exams Guide



CS (MAIN) Exam

# ଓଡ଼ିଆ / ODIA

## ପତ୍ର II / Paper II

## ( ସାହିତ୍ୟ ) / ( LITERATURE )

| | |
|---|---|
| ସମୟ : ତିନି ଘଣ୍ଟା<br>*Time Allowed : **Three Hours*** | ପୂର୍ଣ୍ଣ ସଂଖ୍ୟା : 250<br>*Maximum Marks : **250*** |

### ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର :

ଏଥିରେ ପ୍ରଦତ୍ତ **ଆଠୋଟି** ପ୍ରଶ୍ନ **ଦୁଇଟି** ଭାଗରେ ବିଭକ୍ତ ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରଥମ **1** ଓ ପଞ୍ଚମ **5** ପ୍ରଶ୍ନ ବାଧ୍ୟତାମୂଳକ । ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୁନ **ଗୋଟିଏ** ପ୍ରଶ୍ନ ସହ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ପ୍ରତ୍ୟେକ ପ୍ରଶ୍ନ । ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ ।

ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ ଲେଖିବାକୁ ହେବ ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପ ଭାବେ ପ୍ରଦାନ କରିବା ବିଧେୟ ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ଉଚିତ ।

ସ୍ପଷ୍ଟରୂପେ କଟାଯାଇ ନଥିଲେ, ଆଂଶିକ ଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ ।

ଉତ୍ତର ପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କାଳିରେ କଟାଯିବା ବିଧେୟ ।

### Question Paper Specific Instructions

***Please read each of the following instructions carefully before attempting questions :***

*There are **EIGHT** questions divided in **TWO SECTIONS**.*

*Candidate has to attempt **FIVE** questions in all.*

*Question nos. **1** and **5** are compulsory and out of the remaining, any **THREE** are to be attempted choosing at least **ONE** from each section.*

*The number of marks carried by a question / part is indicated against it.*

*Answers must be written in **ODIA (Odia script)**.*

*Word limit in questions, wherever specified, should be adhered to.*

*Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Question-cum-Answer Booklet must be clearly struck off.*

Prepp
Your Personal Exams Guide

## SECTION A

**Q1.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : *10×5=50*

(a) ମହାଭାରତରେ 'ଶାନ୍ତିପର୍ବ' ର ବୈଶିଷ୍ଟ୍ୟ ବିଚାର କର । *10*

(b) ଭାଗବତରେ ଅବଧୂତଙ୍କ କପୋତ ଗୁରୁର ତାତ୍ପର୍ଯ୍ୟ ବ୍ୟାଖ୍ୟା କର । *10*

(c) 'ଚନ୍ଦ୍ରଭାଗା' କାବ୍ୟରେ ରାଧାନାଥଙ୍କ ବିୟୋଗାନ୍ତକ (ଟ୍ରାଜିକ) ମାନସିକତାର ପରିଚୟ ପ୍ରଦାନ କର । *10*

(d) 'ଲାବଣ୍ୟବତୀ' ର ପ୍ରଥମଛାନ୍ଦ ସମଗ୍ର କାବ୍ୟର ମୁଖବନ୍ଧ – ପ୍ରମାଣ କର । *10*

(e) ରମାକାନ୍ତଙ୍କ 'ସପ୍ତମଋତୁ' ରେ ପ୍ରତିଫଳିତ କବିତ୍ୱ ସଂପର୍କରେ ଆଲୋକପାତ କର । *10*

**Q2.** ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । **50**

(a) ସୁଶାସନ ନିମିତ୍ତ ଭୀଷ୍ମଙ୍କ ଉପଦେଶ ବାଣୀ କେତେଦୂର ସହାୟକ, 'ଶାନ୍ତିପର୍ବ' ଅବଲମ୍ବନରେ ଆଲୋଚନା କର । *20*

(b) 'ରସକଲ୍ଲୋଳର' କାବ୍ୟଲାଳିତ୍ୟ ପଠିତାଂଶ ଅବଲମ୍ବନରେ ବିବେଚନା କର । *15*

(c) ଈଶ୍ୱର ଅନ୍ତରରୁ ଅନ୍ତରୀକ୍ଷଯାଏ ସର୍ବତ୍ର ବିଦ୍ୟମାନ – 'ଜୀବନଚିତା' ଅବଲମ୍ବନରେ ଆଲୋଚନା କର । *15*

**Q3.** ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । **50**

(a) 'ରସକଲ୍ଲୋଳ' ର ନିର୍ଦ୍ଧାରିତ ଅଂଶଭିତ୍ତିରେ ଦୀନକୃଷ୍ଣଙ୍କ କବିତ୍ୱ ମୂଲ୍ୟାୟନ କର । *20*

(b) 'ଲାବଣ୍ୟବତୀ' ରୀତିଯୁଗୀୟ କାବ୍ୟର ଆଦର୍ଶ ସତ୍ୟତା ପ୍ରମାଣ କର । *15*

(c) ବାକ୍‌ରୀତ ସହିତ କାବ୍ୟରୀତିର ସମନ୍ୱୟ ହେଉଛି ଆଧୁନିକ କବିତାର ପ୍ରାଣଧର୍ମ – ଉକ୍ତିର ଯଥାର୍ଥତା 'କବିତା 1962' ଅବଲମ୍ବନରେ ଆଲୋଚନା କର । *15*

www.prepp.in
Prepp
Your Personal Exams Guide

**Q4.** ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । 50

(a) 'ସପ୍ତମ ଋତୁ' ରେ ପ୍ରକାଶିତ ମୃତ୍ୟୁଚେତନା ରମାକାନ୍ତଙ୍କ କବିତାର ଅନ୍ୟତମ ବୈଶିଷ୍ଟ୍ୟ ବିଶ୍ଳେଷଣ କର । 20

(b) 'ଚନ୍ଦ୍ରଭାଗା' କାବ୍ୟ ଅବଲମ୍ବନରେ ରାଧାନାଥଙ୍କ ସୌନ୍ଦର୍ଯ୍ୟବୋଧର ପରିଚୟ ପ୍ରଦାନ କର । 15

(c) 'ଯଦୁ-ଅବଧୂତ ସଂବାଦ' ରେ ଚବିଶଗୁରୁ ପ୍ରସଂଗର ତାତ୍ପର୍ଯ୍ୟ ବିଚାର କର । 15

www.prepp.in
Prepp
Your Personal Exams Guide

## SECTION B

Q1. **Q5. ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ) :** *10×5=50*

(a) 'ଛମାଣ ଆଠଗୁଣ୍ଠ' ର ଭାଷାଶୈଳୀଗତ ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କର । *10*

(b) 'ଦାନାପାଣି' ଉପନ୍ୟାସରେ ସରୋଜିନୀ ଚରିତ୍ରର ମୂଲ୍ୟାଙ୍କନ କର । *10*

(c) 'ମୁଁ ସତ୍ୟଧର୍ମା କହୁଛି' ର ପଠିତାଂଶ ଅବଲମ୍ବନରେ ଉନ୍ନତ ଦାର୍ଶନିକ ଚେତନା ଓ ମାନବିକ ମୂଲ୍ୟବୋଧର ସୀମା ଓ ସ୍ୱରୂପ ନିର୍ଦ୍ଧାରଣ କର । *10*

(d) 'ଲକ୍ଷ୍ମୀର ଅଭିସାର' ଗଳ୍ପ ଗ୍ରନ୍ଥରେ ସ୍ଥାନିତ କନ୍ୟାୟନ ଗଳ୍ପରେ ଯାନ୍ତ୍ରିକ ସଭ୍ୟତା ପ୍ରତି ଲେଖକଙ୍କ ଦୃଷ୍ଟିଭଂଗୀ ବିଶ୍ଳେଷଣ କର । *10*

(e) 'ତଟ ନିରଂଜନା' ରେ ନାଟ୍ୟକାରଙ୍କ ଦୃଷ୍ଟିଭଂଗୀ ସଂପର୍କରେ ଆଲୋଚନା କର । *10*

Q2. **Q6. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** *50*

(a) 'କାଠଘୋଡ଼ା' ଆଧୁନିକ ନାଟକର ମନନଶୀଳତା ଓ ପାରଂପରିକ ଓଡ଼ିଆ ଯାତ୍ରା ଆଙ୍ଗିକରେ ରଚିତ – ଆଲୋଚନା କର । *20*

(b) 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ଚିତରଂଜନଙ୍କ ଗଦ୍ୟଶୈଳୀ ପ୍ରତିପାଦନ କର । *15*

(c) 'ଛମାଣ ଆଠଗୁଣ୍ଠ' ର ଖଳ ଚରିତ୍ର ସୃଷ୍ଟିରେ ଫକୀରମୋହନଙ୍କ ସ୍ୱାତନ୍ତ୍ର୍ୟ ନିରୂପଣ କର । *15*

Q3. **Q7. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** *50*

(a) 'ଦାନାପାଣି' ଉପନ୍ୟାସରେ ଆଧୁନିକ ମଣିଷର ଉଚ୍ଚାକାଂକ୍ଷା ପ୍ରତି ରହିଛି ସୂକ୍ଷ୍ମଇଂଗିତ – ପ୍ରତିପାଦନ କର । *2(*

(b) 'ମରାଳର ମୃତ୍ୟୁ' ସଂକଳନ ଅବଲମ୍ବନରେ ଆଧୁନିକ ମଣିଷର ସଂଭାବନାହୀନ ଶୂନ୍ୟଗର୍ଭମୂଳକ ଜୀବନବୋଧର ପରିଚୟ ପ୍ରଦାନ କର । *1:*

(c) ନବ୍ୟଇତିହାସବାଦ ଦୃଷ୍ଟିକୋଣରୁ 'ତଟନିରଂଜନା' ନାଟକର ବିବେଚନା କର । *1.*

www.prepp.in

Prepp
Your Personal Exams Guide

Q8. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । 50

(a) ଏକ ପ୍ରତୀକାତ୍ମକ ନାଟକ ଭାବରେ 'କାଠଘୋଡ଼ା' କୁ ଆଲୋଚନା କର । 20

(b) ଜୀବନରେ ସତ୍ୟର ମୁଲ୍ୟବନ୍ଧାପନା ପାଇଁ ଯେଉଁ ସଂଗ୍ରାମ ଲୋଡ଼ା, ସେ ସଂପର୍କରେ 'ମୁଁ ସତ୍ୟଧର୍ମା କହୁଛି' କୁ-ଭିତ୍ତି କରି ବିବେଚନା କର । 15

(c) 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରେ ମନୁଷ୍ୟର ଅସହାୟତାର ଚିତ୍ର ପ୍ରକାଶିତ – ସଦୃଷ୍ଟାନ୍ତ ପ୍ରତିପାଦନ କର । 15

Prepp Your Personal Exam Guide

Your Personal Exams Guide